# Akashvani, Sambalpur

## SAMBALPURI NEWS EVENING BULLETIN

**10 November 2025- 7.02 pm- 7.12 pm.**

********************************************

୧- ମଡ଼ିଆ ଉତ୍ପାଦନ୍ କ୍ଷେତ୍ରଥି ଓଡ଼ିଶା ମୋଡ଼େଲ୍‌କେ ଅଲ୍‌ଗା ରାଜ୍ୟମାନେ ଭିଲ୍ ଅପ୍‌ନାବାର୍‌କେ ତହଁକାଯିବା- କହେଲେ କେନ୍ଦ୍ର କୃଷିମନ୍ତ୍ରୀ ।

୨- ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଆଏବା କାଏଲ୍ ହେବା ମତଦାନ୍ ।

- ପ୍ରଶାସନ୍ ତର୍‌ଫୁ ସର୍‌ଲା ସବୁ ବ୍ୟବସ୍ଥା ।

- ବୁଥ୍ ମାନ୍‌କେ ଗଲେ ପୋଲିଂ ଅଧିକାରୀ ।

୩- ଶାନ୍ତି ଆଉ ବିକାଶ୍‌ର ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ବିଜ୍ଞାନ୍ ଦିବସ ।

ଆଉର୍

୪- ରାଏଜେ ବଢୁଛେ ଶୀତ୍- ଆଏବା କାଏଲ୍‌ଠାନୁ କେତେଟା ଜିଲ୍ଲା ନ ହେଇପାରେ ଜବର୍ ଥଣ୍ଡା ।

କେନ୍ଦ୍ରମନ୍ତ୍ରୀ- ଓଡ଼ିଶା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଶରୀର୍‌କେ ସୁସ୍ଥ ରଖ୍‌ବାର୍ ଲାଗି ଶ୍ରୀଅନ୍ନ- ମଡ଼ିଆ ଗୁଟେ ବରଦାନ୍ ଆଏ ବଲି କେନ୍ଦ୍ର କୃଷି ଆଉ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମଡ଼ିଆ ଦିବସ୍ ଉଦ୍‌ଘାଟନୀ ସମାରୋହଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍, ଇ ଦିବସ୍ ଶ୍ରୀଅନ୍ନକେ ତହଁକାବାର୍ ଲାଗି ଗୁଟେ ସାର୍ଥକ୍ ଉଦ୍ୟମ୍ ଆଏ । ମଡ଼ିଆ ଉତ୍ପାଦନ୍ କ୍ଷେତ୍ରଥି ଓଡ଼ିଶା ଚମତ୍କାର୍ କାମ୍ କରିଛେ ଆଉ ଇ କ୍ଷେତ୍ରଥି ଓଡ଼ିଶା ମୋଡ଼େଲ୍‌କେ ଦେଶର୍ ଅଲ୍‌ଗା ରାଜ୍ୟ ମାନେ ଭିଲ୍ ଅପ୍‌ନାବାର୍‌କେ ତହଁକାୟିବା । ୱାନ୍ ଟିମ୍- ୱାନ୍ ଷ୍ଟକ୍ ଆଧାର୍‌ଥି ଆଇସିଏଆର୍‌ର ବୈଜ୍ଞାନିକ୍‌ମାନ୍‌କୁ ମଡ଼ିଆ ବିହନ୍‌କେ ଆହୁରି ଉତ୍ପାଦନ୍‌କ୍ଷମ ଆଉ ଉନ୍ନତ୍ ବନାବାର୍ ଲାଗି ଗବେଷଣା କର୍‌ବାର୍‌କେ କୁହାୟାଇଛେ ବଲି ଶ୍ରୀ ଚୌହାନ୍ କହିଛନ୍ ।

(ଭଏସ୍ ଓଭର୍- କେନ୍ଦ୍ରମନ୍ତ୍ରୀ)

ଆଏଜ୍ ଉପର୍‌ବେଲା ଶ୍ରୀ ଚୌହାନ୍ କଟକ୍ ଆଇସିଏଆର୍ - କେନ୍ଦ୍ରୀୟ ଚାଉଳ ଗବେଷଣା କେନ୍ଦ୍ର- ସିଆର୍‌ଆରଆଇ ପରିସର୍‌କେ ୟାଇକରି ବୈଜ୍ଞାନିକ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ ସହେତେ ଏକ୍ ପେଡ଼୍ ମା କେ ନାମ୍ ଅଭିୟାନ୍‌ଥି ଗଛ୍ ଜଗେଇଛନ୍ । କାର୍ୟ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ଆଉ  କୃଷିମନ୍ତ୍ରୀ

କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ମଡ଼ିଆ ଦିବସ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀଅନ୍ନ ମିଲେଟ୍‌କେ ତହଁକାବାର୍ ଆଉ ଇତାର୍ ପ୍ରଚାର୍ ପ୍ରସାର୍ ଲାଗି ରାଏଜେ ଆଏଜ୍ ମଡ଼ିଆ ଦିବସ୍ ପାଲନ୍ କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅନୁରୋଧଥି ମିଲିତ୍ ଜାତିସଂଘ ତର୍‌ଫୁ ୨୦୨୩ ମସିହାକେ ଅନ୍ତର୍ଜାତୀୟ ମିଲେଟ୍ ବଛର୍ ଭାବେ ଘୋଷ୍‌ନା କରାଯାଇଛେ । ଶ୍ରୀଅନ୍ନକେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ପଦକ୍ଷେପ୍ ନିଆଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମଡ଼ିଆ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍, ମଡ଼ିଆ ହେଉଛେ ଓଡ଼ିଶାର୍ ଗୌରବ, ଚାଷୀ ଭାଇ ବହେନ୍ ମାନ୍‌କର୍ ପରିଶ୍ରମ୍‌ର ଫଲ୍ ଆଉ ଆମର୍ ପାରମ୍ପରିକ୍ ଖାଦ୍ୟ ସଂସ୍କୃତିର୍ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଆଏ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜନେଇକରି କହିଛନ୍, ସ୍ୱାସ୍ଥ୍ୟ ଲାଗି ଉପକାରୀ ଖାଦ୍ୟ ମଡ଼ିଆର୍ ପ୍ରଚାର୍ ପ୍ରସାର୍ କର୍‌ବାର୍ ସଙ୍ଗେ ତାର୍ ଲାଭ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ସଭେ ସଂକଳ୍ପ ନେମା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭେଚ୍ଛା

ଜନେଇକରି ଓଡ଼ିଶାର୍ ମହିଳାମାନେ ମଡ଼ିଆନୁ ତିଆର କରୁଥିବା ଖାଦ୍ୟ ବିକିକରି ସ୍ୱାବଲମ୍ବୀ ହେଇପାରିଛନ୍ ବଲି କହିଛନ୍ ।

ନୂଆପଡ଼ା ଉପ ନିର୍ବାଚନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଆଏବାକାଏଲ୍ ମତଦାନ୍ ହେବା । ଇଥିର୍‌ଲାଗି ନିର୍ବାଚନ୍ ଅଧିକାରୀଙ୍କର୍ ତର୍‌ଫୁ ସବୁ ପ୍ରକାରର୍ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛେ । ସଖାଲର୍ ୭ ବଜେନୁ ଉପର୍‌ବେଲା ୫ ବଜେତକ୍ ଭୋଟ୍ ହେବା । ଭୋଟ୍ ଆଘୋନୁ ସାଢ଼େ ୫ ବଜେନୁ ଅଭ୍ୟାସ୍ ମତଦାନ୍ କରାଯିବା । ନକ୍ସଲ୍ ପ୍ରଭାବିତ୍ ୪୭ ଟା ବୁଥ୍ ନ ୪ ବଜେତକ୍ ଭୋଟ୍ ଗ୍ରହଣ୍ କରାଯିବା । ସମିଆ ସର୍‌ଲା ଉତ୍‌ରୁ ଭିଲ୍ ଯେନ୍‌ମାନେ ଧାଡ଼ିଥି ଥିବେ ଭୋଟ୍ ଦେଇପାର୍‌ବେ । ଇଭିଏମ୍‌ଥି କେନ୍‌ସି ରକମ୍‌ର ତ୍ରୁଟି ସାମ୍‌ନାକେ ଆସ୍‌ଲେ ତୁର୍‌ତି ରିଜର୍ଭ ରୁମ୍‌କେ ଅନାଯିବା ବଲି ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ସୂଚ୍‌ନା ଦେଇଛନ୍ । ନୂଆପଡ଼ା ଉପ ନିର୍ବାଚନ୍‌କେ ନେଇକରି ଆମର୍ ସମ୍ବାଦଦାତାଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ନୂଆପଡ଼ା ସମ୍ବାଦଦାତା)

ବିଧାନ୍‌ସଭା କ୍ଷେତ୍ର ନ ୨ ଲାଖ୍ ୪୮ ହଜାର୍ ୨ ଶହ ୫୬ ଝନ୍ ଭୋଟର୍ ସେମାନ୍‌କର୍ ମତାଧିକାର୍ ସାବ୍ୟସ୍ତ କର୍‌ବେ ।

ଆଏବା ୧୪ ତାରିଖ୍ ଶୁକ୍ରବାର୍ ଦିନ ଭୋଟ୍ ଗନ୍ତି ହେଇକରି ଫଲାଫଲ୍ ବାହାର୍‌ବା । ସବୁ ଭୋଟର୍ ନିଜର୍ ଗଣତାନ୍ତ୍ରିକ ଅଧିକାର୍ ସାବ୍ୟସ୍ତ କର୍‌ବାର୍‌କେ ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ମଧୁସୂଦନ୍ ଦାସ୍ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ । ସେନ୍ତା କଡ଼ା ସୁରକ୍ଷା ବ୍ୟବସ୍ଥାଥି ନିର୍ବାଚନ୍ ପ୍ରକ୍ରିୟା ଚାଲିଛେ ଆଉ ଲୁକେ ନିର୍ଭିକ୍ ହେଇକରି ଭୋଟ୍ ଦେଇ ଆସ୍‌ବାର୍‌କେ ଆରକ୍ଷୀ ଅଧିକ୍ଷକ କହିଛନ୍ ।

ନୂଆପଡ଼ା ଉପନିର୍ବାଚନ୍- ନିର୍ବାଚନ୍ ଅଧିକାରୀ/ଆର୍‌ଏନ୍‌ୟୁ/କଟକ୍

ନୂଆପଡ଼ା ଉପ ନିର୍ବାଚନ୍‌ର୍ ଦିନ୍‌କର୍ ଆଘୋନୁ ଇଭିଏମ୍ ଚୋରି ଆଉ ବେଆଇନ୍ ପରିବହନ୍ ଅଭିଯୋଗ୍‌କେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍‌ଏସ୍ ଗୋପାଲନ୍ ଖଣ୍ଡନ୍ କରିଛନ୍ । ଗୁଟେ ରାଜନୈତିକ୍ ଦଲ ତର୍‌ଫୁ ଅନାଯାଇଥିବା ଇ ଅଭିଯୋଗ୍ ତଥ୍ୟଭିତିକ୍ ନୁହେଁ ବଲି ସେ କହିଛନ୍ । ଭୁବ୍‌ନେଶ୍ୱର ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଶ୍ରୀ ଗୋପାଲନ୍ କହିଛନ୍, ଅଲ୍‌ଗା ଜିଲ୍ଲାନୁ ନୂଆପଡ଼ାକେ ଇଭିଏମ୍ ନାଇଁ ଆସି । ଫି’ ଜିଲ୍ଲାର୍ ଇଭିଏମ୍ ମାନ୍‌କେ ସେନର୍ ଷ୍ଟ୍ରଙ୍ଗ୍‌ରୁମ୍ ନ ରଖାଯାଇଛେ ବଲି ଶ୍ରୀ ଗୋପାଲନ୍ କହିଛନ୍ ।

ଡିଜିଟାଲ୍ ପ୍ରାକ୍ ଜନଗଣନା ପ୍ରକ୍ରିୟା        ଭୁବ୍‌ନେଶ୍ୱର୍

ସମ୍ବାଦଦାତା

୨୦୨୭ ଜନଗଣନା ଲାଗି ଆଏଜ୍‌ଠାନୁ ଡିଜିଟାଲ୍ ପ୍ରାକ୍ ଜନଗଣନା ପ୍ରକ୍ରିୟା ମୁଲ୍ ହେଇଛେ । ରାଜ୍ୟର୍ ୪ ଟା ଜାଗା ଭୁବ୍‌ନେଶ୍ୱର୍, କଟକ୍, ମୟୁର୍‌ଭଞ୍ଜ୍ ଆଉ ନବରଙ୍ଗ୍‌ପୁର୍ ନ ୩୦ ତାରିଖ୍‌ତକ୍ ଇ ପ୍ରକ୍ରିୟା ଚାଲ୍‌ବା । ଜନଗଣନା ଲାଗି ସାରାଦେଶେ ୩୪ ଲାଖ୍ ଶିକ୍ଷକ ନିୟୋଜିତ୍ ହେବେ । ଇଥର ଗଣନା ପ୍ରକ୍ରିୟାକେ ମୋବାଇଲ୍ ଆପ୍ ଜରିଏ କରାଯିବା । ଜିଲ୍ଲା ଜନଗଣନା ତଥ୍ୟ ସମନ୍ୱିତ୍ ବହିଥି ଗାଁ, ସହର୍, ଜିଲ୍ଲାର୍ ସବୁ ଭିତିଭୂମି ଆଉ ନଗର୍‌ସ୍ତରର୍ ସୁବିଧା ସୁଯୋଗ୍, ଜନସଂଖ୍ୟା ବାବଦ୍ ସବୁ ତଥ୍ୟ ସାଙ୍ଗେ ସାମାଜିକ୍ ଆଉ ଅର୍ଥନୈତିକ ତଥ୍ୟ ରହେବା ।

ବିଶ୍ୱ ବିଜ୍ଞାନ୍ ଦିବସ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଶାନ୍ତି ଆଉ ବିକାଶ୍ ଲାଗି ଆଏଜ୍ ସାରା ପୁର୍‌ଥି ନ ବିଶ୍ୱ ବିଜ୍ଞାନ୍ ଦିବସ୍ ପାଲନ୍ କରାଯାଉଛେ । ସମାଜ୍ ନ ବିଜ୍ଞାନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍

ସହେତେ ଶାନ୍ତି ଆଉ ନିରନ୍ତର୍ ବିକାଶ୍ ଲାଗି ବିଜ୍ଞାନ୍ର ବେଭାର୍ ଉପ୍ରେ ଜୋର୍ ଦିଆଯାଉଛେ । ଫି ଦିନିଆ ଜୀବନ୍ ନ ବିଜ୍ଞାନ୍ର ବେଭାର୍ ଇତାର୍ ସହେତେ ଆନ୍ତର୍ଜାତୀୟ ସ୍ତରର୍ ପ୍ରତିବଦ୍ଧତାକେ ତହଁକାବାର୍ ଲାଗି ୨୦୦୧ ମସିହାନୁ ଆଝିର୍ ଦିନ୍କେ ବିଶ୍ୱ ବିଜ୍ଞାନ୍ ଦିବସ୍ ଭାବେ ପାଲନ୍ କର୍ବାର୍କେ ୟୁନେସ୍କୋ ତର୍ଫୁ ଘୋଷ୍ନା କରାଯାଇଥିଲା ।

ମହାପ୍ରସାଦ୍ ବିକ୍ରି ବିଜ୍ଞାପନ ପୁରୀ ସମ୍ବାଦଦାତା

ଅନ୍ଲାଇନ୍ ଜରିଏ ମହାପ୍ରସାଦ୍ ବିକ୍ରି ଲାଗି ବିଜ୍ଞାପନ୍ ଜାରି ଘଟ୍ନାଥି ପୁଲିସ୍ ଝନ୍କୁ ଗିରଫ୍ କରିଛେ । ଭୁବ୍ନେଶ୍ୱର୍ ଝନେ ବ୍ୟବସାୟୀ ଗୁଟେ ୱେବ୍ସାଇଟ୍ ଜରିଏ ମହାପ୍ରସାଦ୍ ଲାଗି ଅନ୍ଲାଇନ୍ ଅଡ଼ର୍ ଦେବାର୍କେ ବିଜ୍ଞାପନ୍ ସହେତେ ଟେଲିଫୋନ୍ ନମ୍ବର ଜାରି କରିଥିଲେ । ଶ୍ରୀମନ୍ଦିର୍ ସୁରକ୍ଷା ପ୍ରଶାସକ ଇତାର୍ ବିରୋଧିଥି ଏତ୍ଲା ଦେଇଥିଲେ । ପୁରୀ ଆରକ୍ଷୀ ଅଧିକ୍ଷକ୍ଙ୍କର୍ ନିର୍ଦ୍ଦେଶ୍ଥି ଗୁଟେ ଟିମ୍ ଗଠନ୍ କରାଯାଇକରି ଭୁବ୍ନେଶ୍ୱର୍ନୁ ଇ ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇଛେ ।

ଓଡ଼ିଆ ସିନ୍ମା-କର୍ମଶାଳା ଆର୍ଏନ୍ୟୁ/ କଟକ୍

ପୁର୍ନା ଓଡ଼ିଆ ସିନ୍ମାର୍ ସଂରକ୍ଷଣ୍ ଲାଗି ଆଏବା ବୁଧବାର୍ ଠାନୁ ଭୁବ୍ନେଶ୍ୱର୍ କଳାଭୂମି ନ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ସଂରକ୍ଷଣ ସଂଘ ତର୍ଫୁ ଗୁଟେ କର୍ମଶାଳା ଆୟୋଜନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କର୍ମଶାଳାର୍ ଉଦଘାଟନ୍ କର୍ବେ । ଇ ଅବ୍ସରେ ଓଡ଼ିଆ ସିନ୍ମାର୍ ପ୍ରଚାର୍ ପ୍ରସାର୍ ସଂରକ୍ଷଣ୍ ଆଉ ନୂଆଁ ନିୟମ୍ ବାବଦ୍ ଭିନ୍ ଭିନ୍ ଦିଗ୍ ଉପ୍ରେ ଆଲୋଚନା କରାଯିବା ବଲି ସଂଘର୍ ପ୍ରତିଷ୍ଠାତା ଶିବେନ୍ଦ୍ର ସିଂ କହିଛନ୍ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ସମ୍ବଲପୁର/ ସୁବର୍ଣ୍ଣପୁର/ ଦେବ୍ଗଡ଼୍/ ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ହେଇଯାଇଛେ ।

ସମ୍ବଲ୍ପୁର୍ ଜିଲ୍ଲା ବାମ୍ରା ବ୍ଲକ୍ କାର୍ଯ୍ୟାଳୟ ନ ଜନଶୁଣାଣି ଶିବିର୍ ହେଇଛେ । ଶିବିର୍ଥି ୮୨ଟା ଅଭିଯୋଗ୍ ଆସିଥିଲା । ୩ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିବାର୍ ବେଲେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିନୁ ୩ ଝନ୍କୁ ୬୫ ହଜାର୍ ଟଙ୍କା ଆଉ

ରେଡ଼କ୍ରସ୍ ତରଫ୍ରୁ ୫ନ୍‌କୁ ୧୦ ହଜାର୍ ଟଙ୍କା ଆର୍ଥିକ୍ ସାହାଜ୍ ଦିଆଯାଇଛେ ।

ବୌଦ୍ଧ ଜିଲ୍ଲା ଚାର୍‌ଛକ୍ ଠାନେ ଥିବା ହର୍‌ଭଙ୍ଗା ବ୍ଲକ୍ କାର୍ଯ୍ୟାଲୟ ଠାନେ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ୭୨ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୩୪ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଇଚ୍ଛାପୁର୍ ପଂଚାୟତ୍ କାର୍ଯ୍ୟାଲୟ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ଶହେ ୨୨ ଟା ଅଭିଯୋଗ୍ ଆସିଥିଲା । ଇତାର୍ ଭିତ୍‌ରୁ ୬ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ ପଂଚାୟତ୍ ସମିତି କାର୍ଯ୍ୟାଲୟ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୨୦ ଟା ଅଭିଯୋଗ୍ ଆସିଥିଲା ।

କଲାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼୍ ବ୍ଲକ୍ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ଶହେ ୭ ଟା ଅଭିଯୋଗ୍ ଆସିଥିଲା । ସେଥୁ ୧୮ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ୨ ୫ନ୍‌କୁ ଆର୍ଥିକ୍ ସାହାଜ୍ ଦିଆଯାଇଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା କମ୍‌ବାର୍‌ଥି ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ରାଏଜେ ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀ କମିପାରେ । ଇ ସମିଆଥି ରାଏଜେ ପାଗ୍ ଶୁଖା ରହେବା । ଆଏବା କାଏଲ୍ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, କନ୍ଧମାଲ୍, ଅନୁଗୁଲ୍ ଆଉ ଖୋର୍ଦ୍ଧା ଜିଲ୍ଲା ନ ଜବର୍ ଥଣ୍ଡା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନା ଆଉ ଝାର୍‌ସୁଗୁଡ଼ା ଜିଲ୍ଲା ନ ଆଏଜ୍ ସଖାଲେ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ଦେଖାଦେଇଥିଲା । କନ୍ଧମାଲ୍ ଜିଲ୍ଲାର୍ ଜି. ଉଦୟଗିରି ନ ଗଲାକାଏଲ୍ ସବୁନୁ କମ୍ ତାପମାତ୍ରା ୮ ଦଶ୍‌ମିକ୍ ୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା । ସେନ୍ତା ଦାରିଙ୍ଗ୍‌ବାଡ଼ି ନ ୧୦ ଆଉ ଫୁଲ୍‌ବାଣୀ ନ ୧୧ ଡିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଥିଲା ।